# ପିଲାଙ୍କ ଧରିତ୍ରୀ

ଶନିବାର ,୨୨ ଜୁଲାଇ, ୨୦୨୩





୬ କହିଲ ଦେଖି

୮ ଆଇନା

୩

# ପକ୍ଷୀମାନଙ୍କ ରାଜା

ଗପ



ଥରେ ଜଙ୍ଗଲରେ ସବୁ ପକ୍ଷୀ ସ୍ଥିର କଲେ ଯେ ପକ୍ଷୀମାନଙ୍କର ରାଜା କିଏ ହେବ, ସେନେଇ ସମସ୍ତେ ଏକତ୍ର ବସି ନିଷ୍ପତ୍ତି ନେବେ। ପକ୍ଷୀମାନଙ୍କ ମଧ୍ୟରେ ଭାଳେଣି ପଡ଼ିଲା ରାଜା କିଏ ହେବ? ବଣି ଏକ ପରାମର୍ଶ ଦେଲା- ଆମ ପକ୍ଷୀମାନଙ୍କ ମଧ୍ୟରେ ଏକ ପ୍ରତିଯୋଗିତା କରିବା। ଯିଏ ସର୍ବାଧିକ ଉଚ୍ଚକୁ ଉଡ଼ିପାରିବ, ସେ ପକ୍ଷୀମାନଙ୍କର ରାଜା ଭାବରେ ମୁକୁଟ ପିନ୍ଧିବ।

ସମସ୍ତେ ଏ କଥାକୁ ପସନ୍ଦ କଲେ ଏବଂ ଏଥିରେ ସହମତି ପ୍ରଦାନ କଲେ। ସେଠାରେ ଉପସ୍ଥିତ ଥିବା ଛଞ୍ଚାଣ କହିଲା- ପକ୍ଷୀମାନଙ୍କ ମଧ୍ୟରେ ମୁଁ ସବୁଠାରୁ ଶକ୍ତିଶାଳୀ। ସମସ୍ତେ ଜାଣନ୍ତି ଯେ ମୁଁ କେବଳ ସର୍ବାଧିକ ଉଚ୍ଚତାରେ ଉଡ଼ିପାରେ। ତେବେ ଏହି ପ୍ରତିଯୋଗିତା କରିବାର କିଛି ଯଥାର୍ଥତା ନାହିଁ। ଆପଣମାନେ ମୋତେ କାହିଁକି ବର୍ତ୍ତମାନଠାରୁ ରାଜା କରି ଦେଉନାହାନ୍ତି? ଘରଚଟିଆଟି କହିଲା- ତଥାପି... ଏକ ସମ୍ଭାବନା ଅଛି, ତୁମେ ଜିତି ପାରିବ କି ନାହିଁ କିଏ କହିପାରିବ? ଏ କଥା କିଏ କହିଲା ଦେଖିବା ପାଇଁ ଛଞ୍ଚାଣ ବୁଲିପଡ଼ିଲା। ଆଶ୍ଚର୍ଯ୍ୟର କଥା ଦେଖିଲା- ଘରଚଟିଆଟି ଏଡ଼ିକିଟିଏ ପକ୍ଷୀ, ସେ ଏମିତି କଥା କହୁଛି। ପରିହାସ ସ୍ୱରରେ ଛଞ୍ଚାଣଟି କହିଲା, ଓଃ! ତାହାହେଲେ ଆଉ କିଏ ମୋର ସମକକ୍ଷ ଦେଖିବା? ତୁମେ? ଘରଚଟିଆଟି କିଛି କହିଲା ନାହିଁ। ପରେ ସମସ୍ତ ପକ୍ଷୀ ଉଡ଼ିବା ପାଇଁ ପ୍ରସ୍ତୁତ ହେଲେ।

ପେଚା ସଙ୍କେତ ଦେବା ମାତ୍ରେ ସମସ୍ତ ପକ୍ଷୀ ଆକାଶରେ ଉଡ଼ିବା ଆରମ୍ଭ କଲେ। କିନ୍ତୁ ଦୁଃଖର ବିଷୟ, ସେମାନେ ବହୁତ ଉଚ୍ଚକୁ ଉଡ଼ିପାରିଲେ ନାହିଁ। ଗୋଟିଏ ପରେ ଗୋଟିଏ ତଳକୁ ଫେରି ଆସିଲେ। ଛଞ୍ଚାଣଟି ହିଁ ଆକାଶରେ ଉଡ଼ିବାକୁ ଲାଗିଲା। ଛଞ୍ଚାଣ ତଳକୁ ଚାହିଁ ଦେଖିଲା, ସବୁ ପକ୍ଷୀ ଉଡ଼ି ପଳାଇ ଯାଇଛନ୍ତି। ସେ ଆସି କହିଲା- ଦେଖିଲ ତ ମୁଁ ହିଁ କେବଳ ଏକମାତ୍ର ପକ୍ଷୀ, ଯିଏ ସର୍ବୋଚ୍ଚ ଉଡ଼ିପାରେ? ବର୍ତ୍ତମାନ ଆପଣମାନେ ସହମତ ତ? ମୁଁ ବର୍ତ୍ତମାନ ସମସ୍ତ ପକ୍ଷୀଙ୍କର ରାଜା। ଛଞ୍ଚାଣ ଜାଣି ନଥିଲା, ଛୋଟିଆ ଘରଚଟିଆଟି ତା'ର ଡେଣା ତଳେ ଉଡ଼ୁଥିଲା। ସେ ଅଟକିବା କ୍ଷଣି ଘରଚଟିଆଟି ବାହାରକୁ ଆସିଗଲା। ସେ ଛଞ୍ଚାଣର ମୁଣ୍ଡ ଉପରେ ଉଡ଼ି ଚିତ୍କାର କରି କହିଲା- ନା, ନା, ନା.. ମୁଁ ପକ୍ଷୀମାନଙ୍କର ରାଜା। ଦେଖ, ମୁଁ ତାଙ୍କଠାରୁ ଅଧିକ ଉଡ଼ିଛି। ସମସ୍ତ ପକ୍ଷୀ ଘରଚଟିଆ ସହିତ ସହମତ ହୋଇଥିଲେ। ଯେ କୌଣସି ପରିସ୍ଥିତିରେ, ସେମାନେ ଅହଂକାରୀ ଛଞ୍ଚାଣର ହାରିବା ଦେଖି ଭାରି ଖୁସି ହେଲେ। ସେମାନେ ସମସ୍ତେ ଘରଚଟିଆକୁ ରାଜା ଭାବରେ ସ୍ୱୀକାର କଲେ। ଆପଣଙ୍କର ଦକ୍ଷତାଠାରୁ କାର୍ଯ୍ୟଶୈଳୀ ଅଧିକ ହେବା ଦରକାର। ହୁଏତ ଆପଣଙ୍କଠାରୁ ଆପଣଙ୍କ ପ୍ରତିଦ୍ୱନ୍ଦ୍ୱୀ ଅଧିକ କ୍ଷମତାଶାଳୀ ହୋଇପାରନ୍ତି, କିନ୍ତୁ ତା' ବୋଲି ଆପଣ ଜୀବନରେ ହଠାତ୍ ହାର ମାନିବା ଉଚିତ୍ ନୁହେଁ।

**– ଲଳିତ ମୋହନ ମିଶ୍ର**
ଅରବିନ୍ଦ ନଗର, ନୟାଗଡ଼
ମୋ: ୯୪୩୭୯୮୫୮୬୬

## ଖିଲି ଖିଲି ହସ

ଦୁଇ ସାଙ୍ଗଙ୍କ ମଧ୍ୟରେ କଥାବାର୍ତ୍ତା...।
ପ୍ରଥମ ସାଙ୍ଗ: ଜାଣିଲୁ ସାଙ୍ଗ, ବୋର୍ଡ ପରୀକ୍ଷାରେ ରେଜଲ୍ଟ ଏକ୍‌ଜିଟ୍ ପୋଲ୍‌ରେ ଆସେନି।
ଦ୍ୱିତୀୟ ସାଙ୍ଗ: ହଁ ପରା, ନହେଲେ ଆମ ଘର ଲୋକଙ୍କଠାରୁ ୩-୪ଦିନ ଆଗରୁ ମାଡ଼ ଆରମ୍ଭ ହୋଇଯାଆନ୍ତାଣି।

କ୍ଲାସ୍‌ରେ ଦୁଇ ପିଲାଙ୍କ ମଧ୍ୟରେ କଥାବାର୍ତ୍ତା...।
ପ୍ରଥମ ଛାତ୍ର: ଏବେ ପାଟିବନ୍ଦ କର, ଆଉ ଶୁଣ ମୁଁ ହେଉଛି ମନିଟର(Monitor)।
ଦ୍ୱିତୀୟ ଛାତ୍ର: ତୁ ଯଦି ମନିଟର, ମୁଁ ବି 'ସିପିୟୁ'(CPU)।

ଅମନ ତା' ସାଙ୍ଗ ନମନକୁ କହିଲା- ମୋର ଲ୍ୟାପ୍‌ଟପ୍ କାପାସିଟିକୁ ବଢ଼ାଇବା ପାଇଁ କ'ଣ କରିବି?
ନମନ: ବହୁତ ସହଜ ଉପାୟ, ଏଥିରେ ତୁ ଉଇଣ୍ଡୋ(Window) ବଦଳରେ ଡୋର ଲଗାଇଦେ।

# କୁନି ଫାଇଟର୍ ବିଶ୍ୱଜିତ୍

ଶିଶୁ ପ୍ରତିଭା



ବୟସ ମାତ୍ର ୧୧ବର୍ଷ। ହେଲେ ତାଙ୍କୁ ନିଜ ପ୍ରତିଯୋଗୀଙ୍କ ସହ ଫାଇଟ୍ କରୁଥିବାର ଦେଖିଲେ ବଡ଼ମାନଙ୍କୁ ବି ଡର ଲାଗିଥାଏ। କରାଟେ ହେଉ ଅବା ଉସୁ କିମ୍ବା କିକ୍ ବକ୍ସିଂ ସବୁଥିରେ ସେ ପାରଙ୍ଗମ। ତେବେ ଏହି ଫାଇଟ୍ ନିଶା ଏବେ ପାଲଟିଛି ତାଙ୍କର ପରିଚୟ। ସେ ହେଉଛନ୍ତି ଭୁବନେଶ୍ୱର ଚକେଇସିହାଣିରେ ରହୁଥିବା ସୀମା ଏବଂ ବିଭୁତି ଭୂଷଣ ପାଣିଙ୍କ ପୁଅ ବିଶ୍ୱଜିତ୍। ଭୁବନେଶ୍ୱର ସତ୍ୟନଗରସ୍ଥିତ ସେଣ୍ଟ ଜାଭିୟର୍ସ ହାଇସ୍କୁଲର ଷ୍ଟାଣ୍ଡାର୍ଡ ୬ର ଛାତ୍ର ସେ। ଛୋଟ ବେଳୁ ଫାଇଟିଂ ଏବଂ ଆକ୍ସନ ଫିଲ୍ମ ଦେଖିବା ତାଙ୍କର ଭାରି ପସନ୍ଦ। ଚାଇନିଜ୍ ସୁପରଷ୍ଟାର ବ୍ରୁସ୍‌ଲୀଙ୍କ ଫାଇଟ୍ ସିନ୍ ଦେଖିବା ବେଳେ ତାଙ୍କୁ ଟିଭି ଆଗରୁ ଉଠାଇବା ହୋଇଯାଏ ମୁସ୍କିଲ। ଖାଲି ଏତିକି ନୁହେଁ ସଙ୍ଗେ ସଙ୍ଗେ ସେ ମଧ୍ୟ ସେହି ଭଳି ହାତ, ଗୋଡ ଚାଳନା ଆରମ୍ଭ କରିଦିଅନ୍ତି। ତାଙ୍କର ଫାଇଟ୍ ପ୍ରତି ଥିବା ଆଗ୍ରହ ଦେଖି ୨୦୨୦ରେ ଉଦୟନାଥ କରାଟେ ସ୍କୁଲରେ ଆଡ୍‌ମିଶନ୍ କରାଇଥିଲେ। ଯେଉଁଠାରେ ସେ ଉସୁ, କରାଟେ ଏବଂ କିକ୍ ବକ୍ସିଂ ତିନୋଟି ବିଭାଗରେ ତାଲିମ୍ ଗ୍ରହଣ କରୁଛନ୍ତି। ବର୍ତ୍ତମାନ ସେ କରାଟେ(କାଟା)ରେ ବ୍ରାଉନ୍ ବେଲ୍ଟ ଲେଭେଲ୍ କମ୍ପ୍ଲିଟ୍ କରିସାରିଥିବା ବେଳେ ବ୍ଲାକ୍ ବେଲ୍ଟ ପାଇଁ ପ୍ରସ୍ତୁତ ହେଉଛନ୍ତି।

ସେ କୁହନ୍ତି, ବାପା ଟାଇକୋଣ୍ଡୋରେ ବ୍ଲାକ୍ ବେଲ୍ଟ ହାସଲ କରିଛନ୍ତି। ସେ ହିଁ ମୋ ପ୍ରେରଣା। ତାଙ୍କରି ପ୍ରୋତ୍ସାହନ ଏବଂ ଅଭ୍ୟାସ କରିବାରେ ସହଯୋଗ ପାଇଁ ଆଜି ଏତେ ବାଟ ଆସିପାରିଛି।

ବିଶ୍ୱଜିତ୍ ୨୦୨୨ରେ ୨୮ ତମ ଓଡିଶା ରାଜ୍ୟସ୍ତରୀୟ ଉସୁ ଚାମ୍ପିୟନଶିପରେ ସ୍ୱର୍ଣ୍ଣ ପଦକ, ୨୩ ତମ ଓଡିଶା ରାଜ୍ୟସ୍ତରୀୟ କିକ୍ ବକ୍ସିଂ ଚାମ୍ପିୟନଶିପ୍ ୨୦୨୨ରେ ସ୍ୱର୍ଣ୍ଣ, ୨୯ତମ ଓଡିଶା ରାଜ୍ୟସ୍ତରୀୟ ଉସୁ ଚାମ୍ପିୟନଶିପ୍ ୨୦୨୩ରେ ସ୍ୱର୍ଣ୍ଣ(ୱିପନ୍), ସ୍ୱର୍ଣ୍ଣ(ଗୁନ୍‌ସୁ), ରୌପ୍ୟ(ଗ୍ରୁପ୍ ଇଭେଣ୍ଟ), ଓପନ୍ ଓଡିଶା ରାଜ୍ୟସ୍ତରୀୟ ଚାମ୍ପିୟନଶିପରେ ବ୍ରୋଞ୍ଜ ପଦକ ହାସଲ କରିବା ସହ ବର୍ତ୍ତମାନ ସୁଦ୍ଧା ଜିଲା ତଥା ରାଜ୍ୟସ୍ତରୀୟ ଅନେକ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରି ପୁରସ୍କୃତ ହୋଇଛନ୍ତି। ଫାଇଟ୍ ବ୍ୟତୀତ ଭଲ ପାଠ ପଢିବା ସହ ଫୁଟବଲ୍ ଖେଳିବାରେ ମଧ୍ୟ ରୁଚି ରଖୁଥିବା ବିଶ୍ୱଜିତ୍ ଭବିଷ୍ୟତରେ ଜଣେ ଡାକ୍ତର ହେବାକୁ ଲକ୍ଷ୍ୟ ରଖିଛନ୍ତି।

## ମତାମତ

✪ ଜଣା ଅଜଣା ପୃଷ୍ଠାରେ ପ୍ରକାଶିତ ଅଦ୍ଭୁତ ମାଉଣ୍ଟ ଏଭରେଷ୍ଟ ପାଠରୁ ଏଭରେଷ୍ଟ ସମ୍ବନ୍ଧରେ କେତୋଟି ନୂଆ ତଥ୍ୟ ଜାଣିବାକୁ ପାଇଲି।
**–ରଶ୍ମିରେଖା ରାଉତ, ନୟାଗଡ**

✪ ତୁମତୂଳୀରେ ପ୍ରକାଶିତ ଚିତ୍ରଗୁଡ଼ିକ ସୁନ୍ଦର ହେଉଛି।
**–ଆଲୋକ ପ୍ରଧାନ,ବରି, ଯାଜପୁର**

✪ କବିତାରେ 'ବାଇଚଢ଼େଇ, ଆସ ପାଠ ପଢ଼ିବା ଶିକ୍ଷଣୀୟ ହୋଇଛି। ଗପରେ ଆଦର୍ଶ ଜୀବନ ଗପଟିରୁ ସକ୍ରେଟିକସ୍‌ଙ୍କ ବିଷୟରେ କିଛି ଜାଣିବାକୁ ପାଇଲି।
**–ତୁଷାର ମହାରଣା, ଓଲଡ୍ ଟାଉନ୍, ଭୁବନେଶ୍ୱର**

## ରଙ୍ଗ ଦିଅ



ପିଲାଙ୍କ ଧରିତ୍ରୀ
ସମ୍ପାଦକ: ତଥାଗତ ସତପଥୀ

Printed and published by Sri Tathagata Satpathy on behalf of Navajat Printers & Media Pvt.Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph. (0674) 2580101,

## ସୂଚନା

ଆଇନା ସ୍ତମ୍ଭ ଲାଗି ୩ରୁ ୧୩ ବର୍ଷ ବୟସର ପିଲା ନିଜର ୩ଟି ଫଟୋ(ହାଇ ରିଜଲ୍ୟୁଶନ୍ ଥିବା) ସହ ପୁରା ନାମ, ବୟସ, ଠିକଣା ଏବଂ ତୁମ ତୂଳୀ ସ୍ତମ୍ଭ ପାଇଁ ଚିତ୍ର, ରଙ୍ଗ ଦିଅ ସ୍ତମ୍ଭରେ ଦିଆଯାଉଥିବା ଚିତ୍ରରେ ରଙ୍ଗ କରି ନିଜ ଫଟୋ ସହ ଶ୍ରେଣୀ, ସ୍କୁଲ, ଠିକଣା ଲେଖି ପଠାନ୍ତୁ। ଏଥିସହ ଗପ, କବିତା, ବିଜ୍ଞାନ କଥା, ଶିଶୁ ପ୍ରତିଭା, ମତାମତ ନିମ୍ନରେ ପ୍ରଦତ୍ତ ଇ-ମେଲ୍‌ରେ ପଠାଇପାରିବେ।

**ଆମ ଠିକଣା**
dharitrifeature@gmail.com

ସାଙ୍ଗମାନଙ୍କ ସହ ଏକାଠି ଖାଇବାର ଅନୁଭୂତି ନିଆରା। ଆଉ ସ୍କୁଲରେ ଏହି ସୁଯୋଗ ଆଣିଦିଏ ଟିଫିନ୍। ଖାଇବା ଛୁଟିରେ ଏକାଠି ଖାଇବାର ଥାଏ ସ୍ୱତନ୍ତ୍ର ଆକର୍ଷଣ। ଏବେ ବର୍ଷାଦିନ ଥିବାରୁ ଖାଇବା ସମୟରେ ସତର୍କ ରହିବାକୁ ହେବ।



# ଟିଫିନ୍ ଟାଇମ୍

## ଟିଫିନ୍ ଶେୟାର କରୁ

ଖାଇବା ଛୁଟିରେ ଆମେ ସବୁ ସାଙ୍ଗ ଏକାଠି ହୋଇ ଖାଉ। ପ୍ରାୟ ସମସ୍ତେ ପରସ୍ପର ସହ ଟିଫିନ୍ ଶେୟାର ବି କରୁ। କିଛି ବୋର୍ ଲାଗେନି। ବରଂ ସ୍କୁଲରେ ଟିଫିନ ଖାଇବାକୁ ଭାରି ମଜା ଲାଗେ। ସାଙ୍ଗମାନେ କିଏ କ'ଣ ଟିଫିନରେ ଆଣିଛନ୍ତି ଆଗ ଦେଖିବା ପରେ ସମସ୍ତେ ସବୁଥିରୁ ଖାଉ। ଅବଶ୍ୟ ଦିନେ ଦିନେ ମୋ ଟିଫିନ୍ ସରି ନ ଥାଏ ପେଟ ପୂରିଯାଏ। ତେଣୁ ଘରକୁ ଫେରାଇ ଆଣେ। ମାମା ମନଦୁଃଖ କରନ୍ତି କିନ୍ତୁ ସାଙ୍ଗମାନଙ୍କ ପାଖରୁ ଖାଇଛି ଓ ପେଟ ପୂରା ଥିବା ଜାଣିବା ପରେ ସେ କିଛି କହନ୍ତି ନାହିଁ। ଏମିତିକି ପରଦିନ ଟିଫିନରେ ଅଧିକ ଖାଦ୍ୟ ସାଙ୍ଗମାନଙ୍କ ପାଇଁ ଦେଇଥାନ୍ତି।



**–ସାଇ ଶାଶ୍ୱତ ବେହେରା**
କ୍ଲାସ– ୫, ନିୟୁ ଇଣ୍ଡିଆ ପବ୍ଲିକ ସ୍କୁଲ, ପ୍ରତାପନଗରୀ, କଟକ

ସାଙ୍ଗମାନଙ୍କ ସହ ଏକାଠି ସ୍କୁଲରେ ଟିଫିନ୍ ଖାଇବାର ମଜା ହିଁ ଅଲଗା। ଏଥିପାଇଁ ବେଳେବେଳେ ପିଲାମାନେ ଟିଫିନ୍ ପାଇଁ ମାଆଙ୍କ ପାଖରେ ବହୁ ଫର୍ମାଇସ୍ ବି କରନ୍ତି। ଆଉ ଘର ତିଆରି ଟିଫିନ୍ ପସନ୍ଦ ନ ହେଲେ କେବେ କେବେ ବାହାରୁ କିଣି ଖାଇ ଦିଅନ୍ତି। ବର୍ଷାଦିନେ ତ ଚଟପଟି ଖାଦ୍ୟ ଖାଇବାକୁ ସମସ୍ତଙ୍କୁ ଭଲ ଲାଗିବ। ହେଲେ ଏସବୁ ଖାଦ୍ୟ ପାଟିକୁ ସୁଆଦ ସିନା ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ଖରାପ। ବିଶେଷକରି ବର୍ଷାଋତୁ ହୋଇଥିବାରୁ ଏଭଳି ଖାଦ୍ୟ ଅନେକ ସମୟରେ ପେଟ ଖରାପ କରିଥାଏ। ତେଣୁ ବାହାରେ କୌଣସି ଖାଦ୍ୟ ଖାଇବା ପୂର୍ବରୁ ଖାଦ୍ୟର ଗୁଣବତ୍ତା ନେଇ ବିଚାର କରିବା ଜରୁରୀ। ବିଶେଷକରି ପିଲାମାନଙ୍କୁ ଏହି ଋତୁରେ ଅଧିକ ସଚେତନ ରହିବାକୁ ହେବ।

## ଘର ଖାଦ୍ୟ

ବର୍ଷାଦିନେ ବାୟୁମଣ୍ଡଳରେ ଜୀବାଣୁ ଅଧିକ ଥିବାରୁ ସଂକ୍ରମଣ ହେବାର ଆଶଙ୍କା ଅଧିକ ରହିଥାଏ। ଏହି ଋତୁରେ ପ୍ରାୟ ପେଟ ଖରାପ ହେବା, ତରଳ ଝାଡା, ଥଣ୍ଡା, ଶର୍ଦ୍ଦି ଭଳି ବିଭିନ୍ନ ସମସ୍ୟା ଦେଖା ଦେଇଥାଏ। ଆଉ ଛୋଟ ପିଲାଙ୍କର ଇମ୍ୟୁନିଟି କମ୍ ଥିବାରୁ ସେମାନଙ୍କ କ୍ଷେତ୍ରରେ କୌଣସି ସମସ୍ୟା ଶୀଘ୍ର ସଂକ୍ରମଣର ରୂପ ନେବାର ଆଶଙ୍କା ବି ରହିଥାଏ। ତେଣୁ ପିଲାମାନେ ନିଜର ଖାଦ୍ୟପେୟ ପ୍ରତି ଏବେ ଅଧିକ ସଚେତନ ରୁହନ୍ତୁ। ସବୁବେଳେ ବାହାରର ଚଟପଟା ଖାଦ୍ୟ ଖାଆନ୍ତୁ ନାହିଁ। ବାହାର ଖାଦ୍ୟ ପ୍ରାୟତଃ ଅସ୍ୱାସ୍ଥ୍ୟକର ହୋଇଥାଏ। ବିଶେଷକରି ତେଲ ମସଲାଯୁକ୍ତ ଖାଦ୍ୟ ଏହି ଋତୁରେ ସହଜରେ ହଜମ ହୋଇ ନ ଥାଏ। ତା' ଛଡା ବିଭିନ୍ନ ପ୍ରକାର ଫାଷ୍ଟଫୁଡ୍ ମଧ୍ୟ ସ୍ୱାସ୍ଥ୍ୟ ପାଇଁ ଆଦୌ ଭଲ ନୁହେଁ। ଏହି ଦୃଷ୍ଟିରୁ ବିଚାର କଲେ ସବୁବେଳେ ଘରେ ତିଆରି ହେଉଥିବା ଖାଦ୍ୟ ହିଁ ସ୍ୱାସ୍ଥ୍ୟ ପାଇଁ ଉତ୍ତମ। ତେଣୁ ସ୍କୁଲକୁ ଯିବାବେଳେ ବି ଘର ତିଆରି ଟିଫିନ୍ ନେଇ ଯିବା ଭଲ।

## ଲୋଭ ନିୟନ୍ତ୍ରଣ

ବେଳେବେଳେ ପାଟିକୁ ସ୍ୱାଦିଷ୍ଟ ମନେ ହେଉଥିବା ଖାଦ୍ୟ ଅଧିକ ଖାଇବାକୁ ଇଚ୍ଛା ହୁଏ। ଆଉ କେତେକ ପିଲା ଅଛନ୍ତି ଯେଉଁମାନେ କେତେ ଖାଇବେ ଜାଣିପାରନ୍ତି ନାହିଁ। ତେଣୁ ସବୁବେଳେ ଖାଇବା ପୂର୍ବରୁ ହିଁ ନିଷ୍ପତ୍ତି ନିଅନ୍ତୁ। ଖାଦ୍ୟ ଦିଆଯିବା ପରେ ଯେତିକି ଖାଇବେ ସେତିକି ରଖି ବାକି ଖାଦ୍ୟ ଫେରାଇ ଦିଅନ୍ତୁ। ଲୋଭରେ ଆଦୌ ଅଧିକ ଖାଆନ୍ତୁ ନାହିଁ। ଯେଉଁ ପିଲାମାନେ କେତେ ଖାଇବେ ଜାଣିପାରୁ ନାହାନ୍ତି ସେମାନେ ନିଜ ଅଭିଭାବକଙ୍କୁ ପଚାରି ଖାଆନ୍ତୁ।

■ ସ୍କୁଲରେ ଟିଫିନ ଖାଇବା ସମୟରେ ସାଙ୍ଗମାନଙ୍କ ସହ ଏକାଠି ଖାଆନ୍ତୁ। ଫଳରେ ବୋର୍ ଲାଗିବ ନାହିଁ ଓ ଖାଇବାର ଆନନ୍ଦ ଢେର୍ ବଢିଯିବ।

■ ଖାଇବା ସମୟରେ ଅନ୍ୟ କୌଣସି ସାଙ୍ଗଙ୍କୁ ଆକ୍ଷେପ କରି କିଛି କୁହନ୍ତୁ ନାହିଁ। କାହାର ମନକୁ ଆଘାତ ଦେବା ଭଳି କିଛି କୁହନ୍ତୁ ନାହିଁ କିମ୍ବା କରନ୍ତୁ ନାହିଁ।

■ ଟିଫିନ୍ ଖାଇବା ସମୟରେ ଅନ୍ୟ କାହାର ଖାଦ୍ୟକୁ ନଷ୍ଟ କରିବାକୁ ଚେଷ୍ଟା କରନ୍ତୁ ନାହିଁ।

■ ନିଜେ ସାଙ୍ଗରେ ନେଇଥିବା ଟିଫିନ୍ ସମସ୍ତଙ୍କ ସହ ଶେୟାର କରିବାକୁ ଚେଷ୍ଟା କରନ୍ତୁ।

■ ଖାଇବା ଛୁଟିରେ ସାଙ୍ଗମାନଙ୍କ ସହ ଗପିବା କିମ୍ବା ଖେଳିବା କାରଣରୁ ବେଳେବେଳେ ଟିଫିନ୍ ଖାଇବାକୁ ସମୟ ହୁଏନି। ତେଣୁ ସେପରି ନ କରି ବରଂ ଖାଦ୍ୟ ଖାଇସାରିବା ପରେ ସମୟ ବଳିଲେ ଖେଳନ୍ତୁ।

## ନୂଆ ନୂଆ

ବାହାରୁ କୌଣସି ଖାଦ୍ୟ କିଣି ଖାଇବା ପରିବର୍ତ୍ତେ ସେସବୁ ଘରେ ପ୍ରସ୍ତୁତ କରିବା ଭଲ। ଘରେ ମାଆଙ୍କୁ କହି ନିଜ ମନ ପସନ୍ଦର ଟିଫିନ୍ ନେଇପାରିବେ। ସେହିପରି ଯଦି ଏକା ପ୍ରକାରର ଟିଫିନ୍‌ରେ ବୋର୍ ହୋଇ ଯାଇଥାନ୍ତି ତେବେ ଅନ୍ୟ ସାଙ୍ଗମାନଙ୍କୁ ଦେଖି ନିଜ ମାଆଙ୍କୁ କହି ସେହି ଅନୁସାରେ ଖାଦ୍ୟ ନେଇପାରିବେ। ଅଲଗା ଅଲଗା ପ୍ରକାରର ଟିଫିନ୍ ନେଲେ ସବୁଦିନ ନୂଆ ନୂଆ ଲାଗିବ ଓ ଖାଇବା ପାଇଁ ଆଗ୍ରହ ବି ବଢିବ।

## ସବୁବେଳେ ଟିଫିନ୍ ନିଏ

ଆମ ସ୍କୁଲ ଟିଫିନରେ କୌଣସି ପ୍ରକାରର ଫାଷ୍ଟଫୁଡ୍ ନେଇଯିବାକୁ ଅନୁମତି ଦିଆଯାଏନି। ତେଣୁ ମାଆ ମତେ ପ୍ରାୟତଃ ବିଭିନ୍ନ ପ୍ରକାରର ପିଠା ତିଆରି କରି ଦିଅନ୍ତି। ସାଙ୍ଗମାନଙ୍କ ପାଇଁ ବି ଅଧିକ ଦେଇଥାନ୍ତି। ଆମେ ସମସ୍ତେ ବେଶ୍ ମଜାରେ ଖାଉ। ଅବଶ୍ୟ ସ୍କୁଲ ଛୁଟି ହେବା ପରେ ବେଳେବେଳେ ଗୁପ୍‌ଚୁପ୍ କିମ୍ବା ଅନ୍ୟ କିଛି ଖାଇବାକୁ ଇଚ୍ଛା ହୁଏ। ବାବା କି ମାମା ସହିତ ଫେରିବାବେଳେ ତାଙ୍କୁ କହିଲେ ଖାଇବାକୁ ଦିଅନ୍ତି। ନଚେତ୍ ମୁଁ ଏକା କେବେ କିଛି କିଣିକି ଖାଏନି।



**–ଅନନ୍ୟା ପାତ୍ର**
କ୍ଲାସ–୩, ପ୍ରଭୁଜୀ ଇଂଲିଶ ମିଡିୟମ୍ ସ୍କୁଲ, ଭିଏସ୍‌ଏସ୍‌ନଗର, ଭୁବନେଶ୍ୱର






୫



୧



୨



୩



୪



୬



୭



୮



୯

୧



ସାଇ ଶିବେଶ ବେହେରା
କ୍ଲାସ- ୫, କାର୍ମେଲ ସ୍କୁଲ, ରାଉରକେଲା

୨

ଅମ୍ରିତ ସାହୁ
କ୍ଲାସ- ୩, ଚନ୍ଦନ ମଣ୍ଡପ ସାହି ପ୍ରାଥମିକ ବିଦ୍ୟାଳୟ, ଇନ୍ଦିପୁର, ଢେଙ୍କାନାଳ



୩



ଅଭିଶିକ୍ତା ସାହୁ
କ୍ଲାସ- ୮, କେନ୍ଦ୍ରୀୟ ବିଦ୍ୟାଳୟ ନଂ-୧, ଭୁବନେଶ୍ୱର

୪

ଚନ୍ଦ୍ରକାନ୍ତ ମେହେର
କ୍ଲାସ- ୬, ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ମାଧପୁର, ଅନୁଗୋଳ



୫



ସିଦ୍ଧେଶ୍ୱରୀ ସ୍ୱୟଂସିଦ୍ଧା
କ୍ଲାସ-୪, ସେଣ୍ଟ ଜାଭିୟର୍ସ ହାଇସ୍କୁଲ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର

୬

ଅଭିସୁମତ୍ ସାମଲ
କ୍ଲାସ-୩, ପ୍ରଭୁଜୀ ଇଂଲିଶ ମିଡିୟମ୍ ସ୍କୁଲ, ଭିଏସ୍ଏସ୍ନଗର, ଭୁବନେଶ୍ୱର



୭



ଅଭନି ଜେନା
କ୍ଲାସ- ୩, ସେଣ୍ଟ ଜାଭିୟର୍ସ ହାଇସ୍କୁଲ, କେଦାରଗୌରୀ, ଭୁବନେଶ୍ୱର

୮

ଶାଶ୍ୱତ ଖଣ୍ଡୁଆଳ
କ୍ଲାସ-୫, ସେଣ୍ଟ ଜାଭିୟର୍ସ ହାଇସ୍କୁଲ, ଭିଏସ୍ଏସ୍ନଗର, ଭୁବନେଶ୍ୱର



୯



ସୁମଗ୍ନା ଦାସ
କ୍ଲାସ- ୨, କ୍ରୀଷ୍ଣମୂର୍ତ୍ତି ୱାର୍ଲଡ ସ୍କୁଲ, ପ୍ରତାପନଗରୀ(ଜରିପଡା), କଟକ


## ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସ



# ୩ ସେକେଣ୍ଡରେ ରୁବିକ୍ କ୍ୟୁବ୍

ଗିନିଜ୍ ୱାର୍ଲ୍ଡ ରେକର୍ଡ ତାଲିକାରେ ରୁବିକ୍ କ୍ୟୁବ୍ ସମାଧାନକୁ ନେଇ ଭିନ୍ନ ଭିନ୍ନ ଲୋକଙ୍କ ନାଁ ରହିଛି। ସେମାନଙ୍କ ମଧ୍ୟରୁ କେହି ପାଣି ଭିତରେ ସମାଧାନ କରି ରେକର୍ଡ କରିଛନ୍ତି ତ କେହି ଖୁବ୍ କମ୍ ସମୟ ମଧ୍ୟରେ କିମ୍ବା କେହି ସାଇକେଲ ଚଲାଉଥିବା ସମୟରେ ସମାଧାନ କରି ରେକର୍ଡ କରିଛନ୍ତି। ହେଲେ ମାତ୍ର ୩ ସେକେଣ୍ଡରେ ରୁବିକ୍ କ୍ୟୁବ୍‌କୁ ସମାଧାନ କରି ପୁଣି ଏକ ରେକର୍ଡ କରିଛନ୍ତି ଆମେରିକାର ମାକ୍ସ ପର୍କ। ଆମେରିକାର ମାକ୍ସ ଏବେ ସବୁଠୁ କମ୍ ସମୟ ମଧ୍ୟରେ ରୁବିକ୍ କ୍ୟୁବ୍ ସମାଧାନ କରି ଏହି ରେକର୍ଡ କରିଛନ୍ତି। ଏ କ୍ଷେତ୍ରରେ ପୂର୍ବରୁ ରହିଥିବା ସମସ୍ତ ରେକର୍ଡକୁ ପଛରେ ପକାଇ ସେ ମାତ୍ର ୩.୧୩ ସେକେଣ୍ଡରେ ରୁବିକ୍ କ୍ୟୁବ୍ ସମାଧାନ କରିପାରିଛନ୍ତି। ଏତେ କମ୍ ସମୟ ମଧ୍ୟରେ କ୍ୟୁବ୍ ସମାଧାନ କରି ସେ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଦେଇଛନ୍ତି। ମାକ୍ସଙ୍କୁ ଏବେ ୨୧ ବର୍ଷ। ବଡ଼ କଥା ହେଉଛି କି ସେ ଅଟିଜିମ୍ ପୀଡ଼ିତ। ନିଜର ଶାରୀରିକ ଦୁର୍ବଳତା ସତ୍ତ୍ୱେ ସେ ଏହି ସଫଳତା ହାସଲ କରି ଏବେ ଅନ୍ୟମାନଙ୍କ ପାଇଁ ପ୍ରେରଣା ପାଲଟିଛନ୍ତି। କାଲିଫର୍ନିଆରେ ଏକ ସ୍ୱତନ୍ତ୍ର ଇଭେଣ୍ଟ ଆୟୋଜନ ହୋଇଥିବାବେଳେ ମାକ୍ସ କ୍ୟୁବ୍ ସମାଧାନ କରି ଏହି ରେକର୍ଡ କରିଛନ୍ତି। ତେବେ ତାଙ୍କ ପୂର୍ବରୁ ଦ୍ରୁତତମ କ୍ୟୁବ୍ ସମାଧାନକାରୀଭାବେ ଚାଇନାର ୟୁଶେଙ୍ଗ ଡୁ'ଙ୍କ ନାଁ ରହିଥିଲା ଏବଂ ସେ ୩.୪୭ ସେକେଣ୍ଡରେ କ୍ୟୁବ୍ ସମାଧାନ କରିଥିଲେ।

## ଏଥର ର



- ପୃଥିବୀର ଉଷ୍ଣତମ ସ୍ଥାନ ?
- ପୃଥିବୀର ସବୁଠାରୁ ଶୀତଳତମ ସ୍ଥାନ ?
- ସର୍ବାଧିକ ବର୍ଷା ହେଉଥିବା ସ୍ଥାନ ବା ପୃଥିବୀର ଅତିବୃଷ୍ଟି ଅଞ୍ଚଳ ?
- ବୈଷ୍ଣବଧର୍ମର ପ୍ରବର୍ତ୍ତକ ?
- ଶିଖଧର୍ମର ଉପାସନା ପୀଠକୁ କ'ଣ କହନ୍ତି ?

## ଗତ ଥର ର



- ଭାଟିକାନ ସିଟି
- ଶୁକ୍ର
- ଋଷିଆ ଓ ଇରାନ
- ଆଫ୍ରିକା
- ମସ୍କାଟ

## କବିତା



### ଧାରା ଶ୍ରାବଣ

ଆସିଗଲା ଏବେ ଧାରା ଶିରାବଣ
ଆକାଶୁ ଝରିଲା ପାଣି,
ସାରୁଗଛ ମୂଳେ ହୁଳହୁଳି ଦିଏ
ଆନନ୍ଦେ ବେଙ୍ଗୁଲୀ ରାଣୀ।
ବିଜୁଳି ଚମକେ ଘଡ଼ଘଡ଼ି ଡାକେ
ଦିବସ ଦିଶେ ଅନ୍ଧାର,
ଛତା ପଖିଆ ବର୍ଷାତି ଧରି ଲୋକେ
ହୋଇଲେ ଘରୁ ବାହାର।
ଚଷାଭାଇ ହଳ ଲଙ୍ଗଳ ସଜାଡ଼ି
କ୍ଷେତକୁ କଲେ ଗମନ,
ମନ ଆନନ୍ଦରେ ଗୀତ ଗାଇ ଗାଇ
ଜମିରେ ରୋପିଲେ ଧାନ।
ସାଧବ ବୋହୂଟି ନାଲିଶାଢ଼ି ପିନ୍ଧି
ଚାଲିଲା ଶ୍ୟାମଳ ଘାସେ,
ଶିଶୁଙ୍କ ହାତରୁ ଗାଁ ପାଣି ସୁଏ
କାଗଜର ଡଙ୍ଗା ଭାସେ।
ବରଷା ଋତୁଟି ଅତି ମନୋହର
ତୁଳନା ଯାହାର ନାହିଁ,
ଚତୁର୍ଦ୍ଦିଗ ଦିଶେ ସବୁଜ ସବୁଜ
ସଲିଳ ପରଶ ପାଇ।

**– ମାଧବୀଲତା ଦେଈ**

ଶ୍ରୀମୁଖ, ନିମାପଡ଼ା, ପୁରୀ
ମୋ: ୯୬୯୨୪୮୩୩୭୭

### ଝିପି ଝିପି ମେଘ

ଝିପି ଝିପି ମେଘ ବରଷି ଗଲା ଲୋ
ଛାତରୁ ପଡ଼ିଲା ପାଣି,
ଚିପି ଚିପି ପାଦ ବାଟରେ ଚାଲିବ
ପାହୁଣ୍ଡ ପାହୁଣ୍ଡ ଗଣି।
ନଈନାଳ ବନ୍ଧ କେନାଲ ପୂରିଲା
ଶୁଭିଲା ଡାହୁକ ଡାକ,
ପୂରନ୍ତା ପୋଖରୀ ହୁଡ଼ାରେ ବସିଣ
ମଣ୍ଡୁକ ଛାଡିଲେ ଡାକ।
ଗରଜିଲା ମେଘ ଦୂର ପାହାଡ଼ରେ
ଘନ ଘଡ଼ଘଡ଼ି ଶୁଭେ,
ହୋଇ ମାଳ ମାଳ କାଳିଆ ବାଦଲ
ଦିଶଇ ସୁନୀଳ ନଭେ।
ସାଧବ ବୋହୂଟି ରାଣୀ,
ନାଲି ପାଟ ପିନ୍ଧି ଥିରି ଥିରି ଚାଲେ
ଶୋଭା ଦିଶିଲା ଧରଣୀ।

**– ଡ. ସଦାନନ୍ଦ ପରିଡ଼ା**

ମୈତ୍ରୀ ନଗର, ଅନୁଗୋଳ
ମୋ: ୮୪୫୬୮୨୮୦୪୯

### ଶ୍ରାବଣ ଆସିଲା

ଶ୍ରାବଣ ଆସିଲା ନୀଳ ଆକାଶରୁ
ଝରଝର ମେଘ ଝରିଗଲା,
ବରଷାରେ ଭିଜି ସବୁରି ଶରୀର
ଓଦା ସରସରେ ଥରିଗଲା।
ଏ ଶ୍ରାବଣ ମାସେ ନଈ ପୋଖରୀରେ
ଆପେ ଯାଉଥିଲା ଜଳ ଭରି,
କୁମୁଦ ପଦୁଅଁ ଫୁଟି ସରୋବରେ
ଦିଶୁଥିଲେ ସତେ ନୂଆ ପରି।
ବାଡ଼ି ବଗିଚାରେ ଜାତି ଜାତି ଫୁଲ
ଫୁଟି ବାଣ୍ଟୁଥିଲେ ଯେଝା ବାସ,
ଶ୍ରାବଣ ଆସିଲେ ସବୁରି ମୁହଁରେ
ଆପେ ଭରୁଥିଲା କୋଟି ଆଶ।
ହେଲେ ଏବେ ତାହା ବଦଳି ଯାଇଛି
ଝରୁନି ବରଷା ଆକାଶରୁ
ଟାଇଁଟାଇଁ ଖରା ଜାଳୁଛି ସଭିଁଙ୍କୁ
ହସ ଝରିନୁ ତ କା' ପାଶରୁ।
ସଭିଏଁ କହନ୍ତି ଧାରା ଶିରାବଣ
ଖରା ଶିରାବଣ ହୋଇଲାଣି
ପ୍ରକୃତି ଆମର ବିକୃତ ହେବାର
ବାରତା ସଭିଁଙ୍କୁ ବୋଇଲାଣି।

**– ଅଶୋକ କୁମାର ପ୍ରଧାନ**

ରୋହିଗାଁ, ଗଞ୍ଜାମ
ମୋ: ୮୨୪୯୧୧୯୧୩୦

### ଶିଶୁଟିଏ ମୁହିଁ



ଶିଶୁଟିଏ ମୁହିଁ ଶିଶୁଟିଏ
ନବ ଭାରତର ସ୍ୱପ୍ନଟିଏ
ସପନ ମୋହର ମାଟିରୁ ଆକାଶ ଛୁଇଁଥାଏ।
ଧରା ଉପବନେ ଫୁଲଟିଏ
ବାସ ସୁବାସରେ ମାଟିରେ ମହକ
ଭରିଦିଏ।
ସବୁରି ମୁହଁରେ ଗୀତଟିଏ
କୋଟିଏ ପ୍ରାଣେ ଗୋଟିଏ ସ୍ୱରେ
ମମତାର ମଧୁ ଭରିଦିଏ।
ସବୁରି ମୁହଁରେ ହସଟିଏ
ଓଠରୁ ଓଠକୁ ଘୂରିବୁଲି ନିତି
ପ୍ରୀତିର ମହକ ବାଣ୍ଟିଥାଏ।
ସବୁରି ପ୍ରାଣର ଦୀପଟିଏ
ଜଳି ଜଳି ନିତି ଆଲୁଅ ବାଣ୍ଟିବି
ଗଢ଼ିବାକୁ ନୂଆ ଦେଶଟିଏ।

**– ମାନସ କୁମାର ପାଢ଼ୀ**

ଦୋସିଙ୍ଗା ହାଇସ୍କୁଲ, ଭଦ୍ରକ
ମୋ: ୯୭୭୭୦୬୨୯୬୨୪

## କହିଲ ଦେଖି



ଆକାଶୁ ଝରିଲା ପାଣି
ହସିଲା ଧରଣୀରାଣୀ।
ସବୁଜ ଦିଶିଲା ଭୂଇଁ
ନଈରେ ଫୁଟିଲା କଇଁ।
ଡାଳକୁ ମାଡ଼ିଲା ଲତା
ଲୋଡ଼ାହୁଏ ଏବେ ଛତା।
ଭ୍ରମନ୍ତି ସାଧବବୋହୂ
କୁହ ଏ ଋତୁଟି କେଉଁ।

ଉ- ବରଷାଋତୁ



ଚାଷୀ ଯାଆନ୍ତି ବିଲକୁ ନେଇ
ବର୍ଷାରୁ ରକ୍ଷା ପାଇବା ପାଇଁ।
ତାଳ ପତରରେ ଗଢ଼ା ତା' ଦେହ
ମୁଣ୍ଡ ଉପରେ ରୁହେ ତାହାରି ମୁହଁ।
ସାରା ଦେହ ଢାଙ୍କି ରଖଇ ସିଏ
ନାମଟି ତାହାର କହିବ କିଏ।

ଉ- ପଖିଆ



ବରଷା ଦିନର ବାଟୋଇଟିଏ
ଗିଡ଼ିଗିଡ଼ି ହୋଇ ସେ ଚାଲୁଥାଏ।
ଯାଉ ଯାଉ ତାକୁ ଦେଲେତ ଛୁଇଁ
ବୃତ୍ତାକାର ହୋଇ ଯାଏ ସେ ରହି।

ଉ- ତେଲୁଗୁଣି ପୋକ



ନାଲି ଟୁକୁଟୁକୁ ଦେହଟି ତା'ର
ଘାସ ଉପରେ ଦିଶେ ସୁନ୍ଦର।
ବରଷା ଆସିଲେ ତା'ର ସମ୍ଭାର
କିଏ ସେ କହିବ ନାମଟି ତା'ର।

ଉ- ସାଧବବୋହୂ

**– ପ୍ରଶାନ୍ତ କୁମାର ନାଥ**

ସୁନ୍ଦରପୁର, ପ୍ରାଚିପୁର, ଯାଜପୁର
ମୋ: ୮୮୯୨୩୦୧୧୪୩

## ରହସ୍ୟମୟ ଜଙ୍ଗଲ

**ପୋ**ଲାଣ୍ଡରେ ଏକ ଜଙ୍ଗଲ ରହିଛି, ଯାହା ନିଜର ରହସ୍ୟ ପାଇଁ ବେଶ୍ ପରିଚିତ। ଏଠାରେ ଅନେକ ପ୍ରକାର ପ୍ରାକୃତିକ ବୈଚିତ୍ର୍ୟ ଦେଖିବାକୁ ମିଳିଥାଏ। ଏହି ଜଙ୍ଗଲର ନାମ ହେଉଛି କ୍ରୁକଡ ଜଙ୍ଗଲ। ଏହି ଜଙ୍ଗଲରେ ଥିବା ସବୁ ଗଛ ପ୍ରାୟ ୯୦ଡିଗ୍ରୀ ଆକାରରେ ଢଳି ରହିଛନ୍ତି। ଏହି ଗଛଗୁଡ଼ିକୁ ଦେଖିଲେ ଯେମିତି ଲାଗିବ କୌଣସି ଅଦୃଶ୍ୟ ଶକ୍ତି ଦ୍ୱାରା ଏମିତି ହୋଇଛି। କିନ୍ତୁ ବୈଜ୍ଞାନିକଙ୍କ ମତରେ, ଏହି ଗଛଗୁଡ଼ିକ ଗୋଟିଏ ଦିଗକୁ ଢଳିକି ରହିବା ଆଉ କିଛି ନୁହେଁ, ଏହା ଏକ ପ୍ରକାର ଟେକ୍‌ନିକ୍ । ଗଛଗୁଡ଼ିକର ଇତିହାସ ପ୍ରାୟ ୧୦୦ବର୍ଷ ପୁରୁଣା ହେବ। ଗଛଗୁଡିକୁ ପ୍ରାୟ ୧୯୩୦ରେ ଲଗାଯାଇଥିଲା।



## ଚଢ଼େଇମାନଙ୍କ 'ଭି' ଶେପ୍

**ଆ**କାଶରେ ଉଡୁଥିବା ଚଢ଼େଇକୁ ଦେଖିଲେ ମନରେ ଆନନ୍ଦ ଆସିଥାଏ। ପୁଣି ସେମାନେ ଭିନ୍ନ ଭିନ୍ନ ଶୈଳୀରେ ଉଡି ବୁଲନ୍ତି। ଅନେକ ସମୟରେ ଦେଖିବାକୁ ମିଳେ ଯେ କେତେକ ଚଢ଼େଇ ଇଂରାଜୀ ଅକ୍ଷର 'ଭି' ସଦୃଶ ଉଡି ବୁଲନ୍ତି। ବିଶେଷଭାବରେ ଏଭଳି ଉଡିବା ଶୈଳୀ ଅନେକଙ୍କୁ ବେଶ୍ ଖୁସି ଦେଇଥାଏ। ଅନେକ ମଧ୍ୟ ଏଭଳି ଦୃଶ୍ୟକୁ ଫଟୋ ଉଠାଇ ରଖିଥାଆନ୍ତି। ତେବେ ପକ୍ଷୀମାନେ ଏଭଳି ଆକାରରେ ଉଡନ୍ତି କାହିଁକି? ଗବେଷଣାରୁ ଜଣାପଡିଛି, 'ଭି' ଶେପ୍‌ରେ ଚଢ଼େଇ ଉଡୁଥିବାର ଦୁଇଟି କାରଣ ରହିଛି। ପ୍ରଥମଟି ହେଲା– ତାଙ୍କୁ ଉଡ଼ିବାକୁ ସହଜ ହୁଏ ଏବଂ ଦ୍ୱିତୀୟଟି ହେଲା– ଏମିତି ଉଡ଼ିବା କାରଣରୁ ସେମାନଙ୍କ ମଧ୍ୟରେ ଦୂରତା ବଜାୟ ରୁହେ। ଯାହାଫଳରେ ସେମାନଙ୍କୁ ଆରାମରେ ଉଡ଼ିବାରେ ସାହାଯ୍ୟ କରେ। ବିଶେଷଭାବରେ ପକ୍ଷୀମାନେ ଉଡ଼ିବା ସମୟରେ ତାଙ୍କର ଜଣେ ଲିଡର ଥାଆନ୍ତି, ଯାହାଙ୍କ ନିର୍ଦ୍ଦେଶକୁ ସେହି ବଳୟ ଭିତରେ ଉଡୁଥିବା ପକ୍ଷୀମାନେ ଅନୁସରଣ କରନ୍ତି।



## ତଳୁ ଉପରକୁ ଉଠେ ଝରଣା ପାଣି

**ଝ**ରଣା କାହାକୁ ବା ପସନ୍ଦ ନ ଲାଗେ ! ପାଣିର ଧର୍ମ ଉପରୁ ତଳକୁ ବୋହିବା। କିନ୍ତୁ ତଳୁ ଉପରକୁ କ'ଣ ପାଣି ବହିପାରେ ? ମହାରାଷ୍ଟ୍ରରେ ଅବସ୍ଥିତ ଏକ ଝରଣାରେ ଏଭଳି ପ୍ରାକୃତିକ ଦୃଶ୍ୟକୁ ଉପଭୋଗ କରିହେବ। ଏହାକୁ ରିଭର୍ସ ୱାଟରଫଲ' କୁହାଯାଏ। ଉକ୍ତ ରାଜ୍ୟର ଅନ୍ୟତମ ପର୍ଯ୍ୟଟନସ୍ଥଳୀ ହେଉଛି ନାନେଘାଟ ୱାଟରଫଲ। ଏହି ଝରଣାଟି କୋଙ୍କଣ ସମୁଦ୍ରକୂଳ ଓ ଜୁନ୍ନାର ନଗର ମଧ୍ୟରେ ଅବସ୍ଥିତ। ମୁମ୍ବାଇଠାରୁ ପ୍ରାୟ ୧୨୦ କି.ମି.ଦୂରରେ ଏହି ୱାଟରଫଲ୍ ଅବସ୍ଥିତ। ପ୍ରକୃତିର ଏଭଳି ଏକ ବିପରୀତ ନିୟମ ଏଠାରେ ଦେଖିବାକୁ ମିଳେ। ଏଭଳି ଦୃଶ୍ୟକୁ ନିଜ ଆଖିରେ ନ ଦେଖିଲେ କେହି ବିଶ୍ୱାସ କରିପାରିବେ ନାହିଁ। ବୈଜ୍ଞାନିକଙ୍କ ମତରେ ଏହି ସ୍ଥାନରେ ପବନ ଖୁବ୍ ଜୋର ପ୍ରବାହିତ ହୁଏ, ଯେଉଁ କାରଣରୁ ପାଣି ଓଲଟା ଦିଗ (ତଳୁ ଉପରକୁ) ଗତି କରିଥାଏ।




## ମନ୍ଦିରମାଳିନୀ ପାହାଡ

**ବି**ଶ୍ୱରେ ଏମିତି କେତେକ ସ୍ଥାନ ରହିଛି, ଯାହା କୌଣସି ନା କୌଣସି କାରଣ ଲାଗି ପ୍ରସିଦ୍ଧ ହୋଇଥାଏ। ଖାସ୍ କଥା ହେଲା, ଭାରତରେ ଏମିତି ଏକ ପାହାଡ଼ ରହିଛି, ଯାହା ମନ୍ଦିର ପାଇଁ ପ୍ରସିଦ୍ଧ। ଏଠାରେ ୧୦ କିମ୍ବା ୨୦ଟି ମନ୍ଦିର ନାହିଁ; ବରଂ ୯୦୦ଟି ମନ୍ଦିର ରହିଛି। ଏଥିଲାଗି ଉକ୍ତ ପାହାଡ 'ମନ୍ଦିରମାଳିନୀ ପାହାଡ' ରୂପେ ପରିଚିତ। ଏହାର ନାମ ଶତ୍ରୁଜୟ। ଗୁଜରାଟର ଭାବନଗର ଜିଲ୍ଲାଠାରୁ ୫୦ କି.ମି ଦୂର ଦକ୍ଷିଣ-ପଶ୍ଚିମ ଦିଗରେ ଅବସ୍ଥିତ ଏହି ପାହାଡ ନିକଟକୁ ଗଲେ ଯେ କେହି ଆନନ୍ଦିତ ନ ହୋଇ ରହିପାରିବ ନାହିଁ। କେବଳ ପାହାଡର ମନୋରମ ଦୃଶ୍ୟ ନୁହେଁ, ମନ୍ଦିରଗୁଡିକୁ ଦେଖିବା ପରେ ସ୍ୱତଃ ମନରେ ଭକ୍ତିଭାବ ଜାଗ୍ରତ ହୋଇଉଠିବ। ଏଭଳି ଏକ ମନଲୋଭା ସ୍ଥାନକୁ ଦେଖିବାକୁ ପ୍ରତିବର୍ଷ ଏଠାକୁ ଅନେକ ଶ୍ରଦ୍ଧାଳୁଙ୍କ ଆଗମନ ହୁଏ। ଏହି ମନ୍ଦିରଗୁଡ଼ିକର ନିର୍ମାଣ ଏକାଦଶ ଶତାବ୍ଦୀରେ ହୋଇଥବା ଉଲ୍ଲେଖ ଅଛି।



# ଆଇନା



ସାଇ ସଞ୍ଚିତା
୫ ବର୍ଷ, ଦେବଗଡ଼



ଶିବାଙ୍ଗୀ ନିତ୍ୟଶ୍ରୀ ନିବେଦିତା
୬ ବର୍ଷ, ଅନୁଗୋଳ